# 2nd Foreign Office Consultations between India and Tanzania

June 16, 2022

## ଭାରତ ଏବଂ ତାଞ୍ଜାନିଆ ମଧ୍ୟରେ ଦ୍ୱିତୀୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଜୁନ 16, 2022**

ଭାରତ ଏବଂ ତାଞ୍ଜାନିଆ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷର ଦ୍ୱିତୀୟ ପର୍ଯ୍ୟାୟ ବୈଠକ 16 ଜୁନ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି।  ଏହି ଆଲୋଚନାରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଇ ଓ ଏସଏ) ଶ୍ରୀ ପୁନୀତ ଆର କୁଣ୍ଡଲ ଏବଂ ତାଞ୍ଜାନିଆ ପକ୍ଷରୁ ତାଞ୍ଜାନିଆର ବୈଦେଶିକ ବ୍ୟାପାର ଓ ପୂର୍ବ ଆଫ୍ରିକୀୟ ସହଯୋଗ ମନ୍ତ୍ରଣାଳୟର ନିର୍ଦ୍ଦେଶକ (ଏସିଆ ଏବଂ ଅଷ୍ଟ୍ରେଲେସିଆ) ତଥା ରାଷ୍ଟ୍ରଦୂତ କାଇଜର ସି ୱେଟାରା ନେତୃତ୍ୱ ନେଇଥିଲେ।

2. ଏହି ବିଚାର ବିମର୍ଷରେ ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା, ସାଂସ୍କୃତିକ, ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଏବଂ ପାରସ୍ପରିକ ସ୍ୱାର୍ଥର ଅନ୍ୟାନ୍ୟ କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରାଯାଇଥିଲା। ମିଳିତ ଜାତିସଂଘ, ପୂର୍ବ ଆଫ୍ରିକା ସମୁଦାୟ (ଇଏସି), ଦକ୍ଷିଣ ଆଫ୍ରିକୀୟ ବିକାଶ ସହଯୋଗ (ଏସଏଡିସି) ଏବଂ ଆଫ୍ରିକୀୟ ମହାଦେଶ ମୁକ୍ତ ବାଣିଜ୍ୟ କ୍ଷେତ୍ର (ଏଏଫସିଏଫଟିଏ) ରେ ସହଯୋଗ ସମେତ ବହୁପକ୍ଷୀୟ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

3. ଦ୍ୱିପାକ୍ଷିକ ବାଣିଜ୍ୟର ଅଭିବୃଦ୍ଧି ଉପରେ ଉଭୟ ପକ୍ଷ ସନ୍ତୋଷ ବ୍ୟକ୍ତ କରିଥିଲେ, ଯାହା 2021-22 ରେ 4.5 ବିଲିୟନ ଡ଼ଲାରରେ ପହଞ୍ଚିଛି।  ଭାରତ ତାଞ୍ଜାନିଆର ସବୁଠାରୁ ବଡ ବାଣିଜ୍ୟ ସହଭାଗୀ ଏବଂ ତାଞ୍ଜାନିଆର ପ୍ରମୁଖ ନିବେଶକମାନଙ୍କ ମଧ୍ୟରେ ଅନ୍ୟତମ। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ବନ୍ଦର ବିକାଶ ଏବଂ କୃଷି କ୍ଷେତ୍ରରେ ପୁଞ୍ଜି ବିନିଯୋଗର ସୁଯୋଗ ଅନୁସନ୍ଧାନ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ତାଞ୍ଜାନିଆ ମଧ୍ୟ ଭାରତର ଏକ ପ୍ରମୁଖ ବିକାଶ ସହଭାଗୀ ଏବଂ ଭାରତ ତାଞ୍ଜାନିଆକୁ ବିଶେଷ କରି ସହରରେ ଜଳ ଯୋଗାଣ ଓ ପରିଚାଳନା କ୍ଷେତ୍ରରେ 1.1 ବିଲିୟନ ଡ଼ଲାରରୁ ଅଧିକ ମୂଲ୍ୟର 6 ଟି ଋଣ ସହାୟତା ପ୍ରଦାନ କରିଛି। ଋଣ, ଅନୁଦାନ ଏବଂ ଅନ୍ୟାନ୍ୟ ମେକାନିଜିମ ମାଧ୍ୟମରେ ତାଞ୍ଜାନିଆ ସହିତ ବିକାଶ ସହଭାଗିତା ଜାରି ରଖିବାକୁ ଭାରତୀୟ ପକ୍ଷ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲା।

4. ଭାଗିଦାରୀକୁ ସକ୍ରିୟ ଓ ପାରସ୍ପରିକ ଲାଭଦାୟକ ରଖିବା ପାଇଁ ଉଭୟ ପକ୍ଷ ଉଚ୍ଚ ସ୍ତରୀୟ ରାଜନୈତିକ ଆଦାନ ପ୍ରଦାନ ଏବଂ ମିଳିତ ଆନୁଷ୍ଠାନିକ ମେକାନିଜିମର ନିୟମିତ ବୈଠକ ଜାରି ରଖିବାକୁ ମଧ୍ୟ ସହମତ ହୋଇଥିଲେ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ପରିବେଶରେ ଏହି ବିଚାର ବିମର୍ଷ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷକୁ ଡାର ଏସ୍ ସଲାମଠାରେ ପାରସ୍ପରିକ ସୁବିଧାଜନକ ତାରିଖରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 16, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.